Gramin Krishi Mausam Sewa
India Meteorological Department
Odisha University of Agriculture and Technology
Bhubaneswar -751 003

Dr. T. R. Mohanty
Nodal Officer

ସପ୍ତାହ – ୨୩

ନ.- ୬୫୫ (ଓଡିଆ ବୁଲେଟିନ)
ତାରିଖ – ୦୯.୦୬.୨୦୨୬

(ସୌଜନ୍ୟ – ଓୟୁଏଟି ସ୍ଥିତ କୃଷି ପାଣିପାଗ ଉପବିଭାଗ ଓ ଓଡ଼ିଶା ସରକାରଙ୍କ କୃଷି ନିର୍ଦ୍ଦେଶାଳୟ, ପ୍ରାଣୀପାଳନ ଓ ପ୍ରାଣୀ ଚିକିତ୍ସା ନିର୍ଦ୍ଦେଶାଳୟ ଓ ମତ୍ସ୍ୟନିର୍ଦ୍ଦେଶାଳୟ)

## ଜିଲ୍ଲା – ଖୋର୍ଦ୍ଧା

## ପୂର୍ବାନୁମାନ ପାଣିପାଗ ସୂଚନା

ଭାରତୀୟ ପାଣିପାଗ ବିଭାଗ (IMD) ର ପୂର୍ବାନୁମାନ ଅନୁଯାୟୀ, ଖୋର୍ଦ୍ଧା ଜିଲ୍ଲାରେ ଆଗାମୀ ୫ ଦିନ ପର୍ଯ୍ୟନ୍ତ ସ୍ୱଳ୍ପ ବର୍ଷା ହେବାର ସମ୍ଭାବନା ରହିଅଛି । ଆଗାମୀ ୫ ଦିନ ପର୍ଯ୍ୟନ୍ତ ଆକାଶ ଆଂଶିକ ମେଘୁଆ ରହିବାର ସମ୍ଭାବନା ଥିବାବେଳେ ଉପରୋକ୍ତ ଜିଲ୍ଲା ମାନଙ୍କରେ ପବନର ବେଗ ହାରାହାରି ୦୯ ରୁ ୧୧ କି.ମି. ପ୍ରତି ଘଣ୍ଟା ପର୍ଯ୍ୟନ୍ତ ରହିବାର ସୂଚନା ରହିଛି । ସେହିପରି ଆଗାମୀ ୫ ଦିନ ପର୍ଯ୍ୟନ୍ତ ଦିନର ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ଯଥାକ୍ରମେ ୩୮ ରୁ ୩୯ ଡିଗ୍ରୀ ସେଲସିଅସ ଓ ୨୫ ରୁ ୨୬ ଡିଗ୍ରୀ ସେଲସିଅସ ମଧ୍ୟରେ ରହିବାର ସମ୍ଭାବନା ରହିଅଛି ।

ଚେତାବନୀ (ହଳଦିଆ): ଦିନବେଳା ଅଧିକ ଗରମ ଓ ଆର୍ଦ୍ର ରହିବା ସହିତ ଅପରାହ୍ନ କିମ୍ବା ସନ୍ଧ୍ୟା ସମୟରେ ବିଜୁଳି ଘଡଘଡି ସହିତ ଝଡ ବର୍ଷାର ସମ୍ଭାବନା ରହିଛି ।

## ସାଧାରଣ ଉପଦେଶ

- ମୌସୁମୀ ବର୍ଷା ଆସିବା ଆଗରୁ ଖାଲ ଜମି ମାନଙ୍କରେ ବିଳମ୍ବ କିସମ ଧାନ ର ବୁଣାବୁଣି କାମ ସାରି ଦିଅନ୍ତୁ ।
- ହରଡ ଓ ଚିନାବାଦାମ ବୁଣାବୁଣି କାମ ପାଇଁ ଜମି ପ୍ରସ୍ତୁତ କରନ୍ତୁ । ମୌସୁମୀ ବର୍ଷା ପରେ ପରେ ବୁଣାବୁଣି କାମ କରନ୍ତୁ ।
- ଓଡିଶା ର ଅଧିକାଂଶ ସ୍ଥାନ ରେ ବର୍ଷା ହୋଇସାରିଛି । ତେଣୁ ଡିପ ଜମି ଏବଂ ବର୍ଷାଶ୍ରିତ ଖାଲୁଆ ଜମି, ଯେଉଁ ଠାରେ ଧାନ ଛଟା ବୁଣା କରାଯାଏ ଏବଂ ତଳି ଘରା ପ୍ରସ୍ତୁତି ପାଇଁ ମାଟି ର ବତର ଦେଖି ପ୍ରଥମ ଖରାଟିଆ ଚାଷ କରିଦିଅନ୍ତୁ ।
- ଜୈବିକ ଉପାୟ ରେ ଜମିର ଉର୍ବରତା ବୃଦ୍ଧି କରିବା ନିମନ୍ତେ ପ୍ରଥମ ଓଡ ଚାଷ ପରେ ଏକର ପ୍ରତି ୧୨ କେଜି ଧଣିଚା ବିହନ ବୁଣି ଦିଅନ୍ତୁ ।
- ଧାନ ଚାଷ ପାଇଁ ସର୍ବଦା ପ୍ରାମାଣିକ ବିହନ ବ୍ୟବହାର କରନ୍ତୁ । ଘରେ ସାଇତି ରଖିଥିବା ବିହନ ବ୍ୟବହାର କରିଥିଲେ ଗଜା ପରୀକ୍ଷା କରାଇ ଦିଅନ୍ତୁ । ଶେଷ ଜମି ତିଆରି ସମୟ ରେ ଏକର ପ୍ରତି ୨ଟନ ଗୋବର ଖତ ପ୍ରୟୋଗ କରନ୍ତୁ ।
- ପଟାଳୀ ତିଆରି ସମୟରେ, ପଟାଳୀ ଚାରି ପଟରେ କ୍ଲୋରୋପାଇରିଫସ (Chlorpyriphos) ଗୁଣ୍ଡ ପ୍ରୟୋଗ କଲେ ପିମ୍ପୁଡି ଲାଗନ୍ତି ନାହିଁ ।
- ଜଳଭାବ ଦେଖା ଯାଉଥିବା ସ୍ଥାନ ରେ ଆବଶ୍ୟକ ଅନୁସାରେ ଜଳ ସେଚନ କରନ୍ତୁ ।
- ପରିପକ୍ୱ ଫଳ ଯେପରି ଆମ୍ବ, ଲିଚୁ, ପଣସ, ଆନାରସ, ଡାଳିମ୍ବ, ଲେମ୍ବୁ ଇତ୍ୟାଦିକୁ ଅମଳ କରି ନିଅନ୍ତୁ ।
- ଆଗାମୀ ତିନି ଦିନ ପର୍ଯ୍ୟନ୍ତ ଅଧିକ ଗରମ ଓ ଆର୍ଦ୍ର ଅନୁଭୂତ ହେବାର ପୂର୍ବାନୁମାନ ଥିବାରୁ ଖରା ସମୟରେ ବାହାରକୁ ବାହାରୁଥିଲେ, ଓଦା ଗାମୁଛା କିମ୍ବା ଛତା ବ୍ୟବହାର କରିବାକୁ, ଠିକ ସମୟରେ ପାଣି ପିଇବାକୁ ଓ ଅଧିକ ଗରମ ସମୟରେ ( ଦିନ 12 ଟାରୁ 4ଟା ) କାମ ନ କରିବାକୁ ଚାଷୀମାନଙ୍କୁ ପରାମର୍ଶ ଦିଆଯାଉଅଛି ।
- ଆଗାମୀ ପାଞ୍ଚ ଦିନ ପର୍ଯ୍ୟନ୍ତ ବିଜୁଳି ଓ ଘଡଘଡି ହେବାର ସମ୍ଭାବନା ରହିଛି । ତେଣୁ, ଚାଷୀ ଭାଇମାନଙ୍କୁ ବଜ୍ରପାତ ସମୟରେ ଖୋଲା ସ୍ଥାନ, ଗଛତଳେ, କିମ୍ବା ପାଣି ଥିବା ସ୍ଥାନ ନିକଟରେ ନ ରହିବାକୁ ପରାମର୍ଶ ଦିଆଯାଉଅଛି । ଯଦି କୌଣସି ସୁରକ୍ଷିତ ସ୍ଥଳ ଉପଲବ୍ଧ ନଥାଏ, ତେବେ ଖୋଲା ଜାଗାରେ ତଳକୁ ବସି ଦୁଇଟି ପାଦକୁ ଏକସାଥିରେ ରଖନ୍ତୁ, ଯେପରିକି ଶରୀରର ସବୁଠାରୁ କମ ଅଂଶ ମାଟି ସହିତ ଲାଗିରହିବ ।
- କ୍ଷୟ କ୍ଷତି ଏଡ଼ାଇବା ପାଇଁ ଫାର୍ମ ଉପକରଣ, ମୋଟର ଏବଂ ସିଞ୍ଚନ ପମ୍ପଗୁଡ଼ିକ ସହ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରିବାକୁ ପରାମର୍ଶ ଦିଆ ଯାଉଅଛି ।
- ବର୍ଷା ଋତୁ ଆରମ୍ଭରେ ଗଛ ଲଗାଇବାକୁ ହେଲେ ଖରାଦିନରୁ ଗାତ ଖୋଳି ରଖିଦେବା ଦରକାର । ଗାତରୁ ବାହାରିଥିବା ମାଟି ଓ ଗାତ ଭଲଭାବେ ଖରା ଖାଇବା ଭଲ ।
- ଗାଈଗୋରୁ ମାନଙ୍କୁ ପରିଷ୍କାର ଏବଂ ଉଚିତ ପରିମାଣର ପାଣି ଯୋଗାନ୍ତୁ । ବର୍ଷା ହେଉନଥିଲେ ଘାସ ଚରିବା ପାଇଁ ପଶୁ ମାନଙ୍କୁ କେବଳ ସକାଳ ଏବଂ ସନ୍ଧ୍ୟା ସମୟ ରେ ଛାଡନ୍ତୁ ।

**ସଂକ୍ଷିପ୍ତ ଉପଦେଶ:**

- କାଳ ବୈଶାଖୀ ବର୍ଷା ଓ ଝଟକା ପବନ ହେତୁ ଲତା ଯାତୀୟ ପନିପରିବା ପ୍ରଭାବିତ ହେବାର ସମ୍ଭାବନା ଥିବାରୁ ଅମଳ ଉପଯୋଗୀ ପନିପରିବା କୁ ତୋଳି ଦିଅନ୍ତୁ, ତଥା ମଞ୍ଚାକୁ ମଜବୁତ କରି ଦିଅନ୍ତୁ ।

**ବିଶେଷ ଉପଦେଶ**

| ଫସଲ | ଅବସ୍ଥା | କୃଷି ପରାମର୍ଶ |
|---|---|---|
| ଧାନ | | ❖ ଉଚ୍ଚ ଜମିରେ ଧାନ ଚାଷ ପାଇଁ ୧୦୦ ରୁ୧୨୦ ଦିନ ମଧରେ ହେଉଥିବା ଅମଳକ୍ଷମ ଧାନ କିସମ ଗୁଡିକ ହେଲା ଖଣ୍ଡଗିରୀ, ସହଭାଗୀ ଧାନ, ମନ୍ଦାକିନୀ, ନବୀନ, GB-୧, ବୀଣା-୧୧, ଏମଟିୟୁ-୧୦୧୦, ସତ୍ୟଭାମା, ସ୍ୱର୍ଣ ଶ୍ରେୟା ଇତ୍ୟାଦି ।<br>❖ ମଝିଆଳି ଜମିରେ ଧାନ ଚାଷ ପାଇଁ ୧୨୦ ରୁ୧୪୦ ଦିନ ମଧରେ ହେଉଥିବା ଅମଳକ୍ଷମ କିସମ ଗୁଡିକ ହେଲା ଏମଟିୟୁ-୧୧୫୬, ଏମଟିୟୁ-୧୧୫୩, ଲଲାଟ, ଉନ୍ନତ ଲଲାଟ, ଏମଟିୟୁ-୧୦୧୦, ସମ୍ପଦା, ମନସ୍ୱିନୀ, ଗୀତାଞ୍ଜଳି,ନୂଆ ଆଚାରମତି ଇତ୍ୟାଦି ।<br>❖ ଖାଲ ଜମିରେ ଧାନ ଚାଷ ପାଇଁ୧୪୦ ଦିନ ରୁ ଅଧିକ ଦିନରେ ଅମଳ ହେଉଥିବା କିସମ ଗୁଡିକ ଯଥା ପ୍ରତୀକ୍ଷା, ସ୍ୱର୍ଣ, ସ୍ୱର୍ଣ ସବ-୧, ମୃଣାଳିନି, ହସନ୍ତ, ରାଣୀ ଧାନ, ଏମଟିୟୁ-୧୦୬୪, ଶାରଳା, ଦୂର୍ଗା, ପ୍ରଧାନ ଧାନ ଇତ୍ୟାଦି।<br>❖ ବିହନ ବିଶୋଧନ<br>ଧାନ ବୁଣିବା ବା ତଳିପକେଇବା ଆଗରୁ ବିହନ ବିଶୋଧନ ନିହାତି ଜରୁରୀ । ବିହନ ବିଶୋଧନ କରିବା ଦ୍ୱାରା ଫସଲ କୁ କିଛି ମାତ୍ରା ରେ ବିହନ ଓ ମୃତିକା ଜନତି ରୋଗ ର ଦାଉରୁ ରକ୍ଷା କରାଯାଇ ପାରେ । ଏକ କିଲୋଗ୍ରାମ ଧାନ ବିହନ ରେ, ୨ ଗ୍ରାମ Carbendazim ନାମକ ଫିମ୍ପିନାଶକ କିମ୍ବା ୩ ଗ୍ରାମ Carboxin ଓ Thiram ର ମିଳିତ ଫିମ୍ପିନାଶକ କିମ୍ବା ୩ ଗ୍ରାମ Thiram ଫିମ୍ପିନାଶକ ସହ ମିଶାଇ ବିହନ ବିଶୋଧନ କରନ୍ତୁ । |
| ହରଡ | ଲଗାଇବା ଅବସ୍ଥା | ❖ ହରଡ ର ଉନ୍ନତ ସଅଳ କିସମ ଗୁଡିକ ହେଲା, ପି.ଆର୍.ଜି-୧୭୬ (PRG-୧୭୬), , ପି.ଆର୍.ଜି-୨୩୫(PRG-୨୩୫) , ଭି.ଏଲ-ଅରହର-୧(VL-ARHAR-1), ଟି- ଅରହର (T-Arhar), ଇତ୍ୟାଦି। ହରଡ ର ଉନ୍ନତ ଓ ଡେରିରେ ଅମଳ ହେଉଥିବା କିସମ ଗୁଡିକ ହେଲା, ଆଶା (Asha), Laxman, ମାରୁତି (Maruti), ଟି.ଡି.ଆର.ଜି -୫୯ ( TDRG-59 ), ପନ୍ତ–ଏ –୭ ( PANT-A-7), ଜି.ଟି -୧୦୪( GT-104) ଇତ୍ୟାଦି। ଧାଡିରେ ବୁଣିବା ପାଇଁ ଏକର ପ୍ରତି ସଅଳ ଅମଳ ହେଉଥିବା କିସ୍ମ ରୁ ୮- କିଲୋଗ୍ରାମ ଏବଂ ବିଲମ୍ବ ରେ ହେଉଥିବା କିସମ ପାଇଁ ୬- କିଲୋଗ୍ରାମ ବିହନ ଦରକାର ହୁଏ । ବିହନ କୁ ବୁଣିବା ଆଗରୁ ଏକ କେଜି ହରଡ ବିହନ ରେ ୨-ଗ୍ରାମ Carbendazim କିମ୍ବା ୩- ଗ୍ରାମ Carboxin ଓ Thiram ର ମିଳିତ ଔଷଧ ମିଶାଇ ବିହନ ବିଶୋଧନ କରନ୍ତୁ। ବିହନ ବୁଣିବାର ଏକ ଘଣ୍ଟା ପୂର୍ବ ରୁ ହରଡ କୁ ରାଇଜୋବିଅମ ବୀଜାଣୁ କଲଚର ୨୦- ଗ୍ରାମ ନେଇ ଏକ କିଲୋଗ୍ରାମ ବିହନ ରେ ଘୋଳାଇ ଉପଚାର କରନ୍ତୁ । |
| ଆଖୁ | ଅଙ୍ଗୀୟ ବୃଦ୍ଧି ଅବସ୍ଥା | ❖ ବର୍ତମାନ ସମୟରେ ଆଖୁ ଫସଲରେ ସଅଳ କାଣ୍ଡ ବିନ୍ଧା ପୋକର ଆକ୍ରମଣ ଦେଖାଦେଇଥାଏ । ଆଖୁ ଫସଲରେ ସଅଳ କାଣ୍ଡ ବିନ୍ଧା ପୋକର ପରିଚାଳନା ପାଇଁ ଗ୍ରୀଷ୍ମ ଋତୁରେ ନିୟମିତ ଭାବରେ ଜଳସେଚନ କରନ୍ତୁ । ପୋକ ଓ ଅଣ୍ଡାପୁଞ୍ଜ ଗୁଡିକୁ ହାତରେ ଧରି ନଷ୍ଟ କରି ଦିଅନ୍ତୁ । ଆକ୍ରାନ୍ତ ପିଲ ଗୁଡିକୁ ମାଟି ତଳୁ କାଟି ଦୂରରେ ନଷ୍ଟ କରିଦିଅନ୍ତୁ। ପ୍ରଥମ ଥର ହୁଡା ଟେକିବା ସମୟରେ ମାଟିରେ ଏକର ପ୍ରତି ୧୦-କିଲୋଗ୍ରାମ Fipronil ନାମକ ଦାନାଦାର କୀଟନାଶକ ଶୃଙ୍ଖଳା ପାଗ ଦେଖି ପ୍ରୟୋଗ କରନ୍ତୁ । |
| ମକା | ଲଗାଇବା ଅବସ୍ଥା | ❖ ଏକ ଏକର ମକା ଚାଷ ପାଇଁ ୬-କିଲୋଗ୍ରାମ ବିହନ ଦରକାର ପଡିଥାଏ । ଫଲ୍ ଆର୍ମି ୱାର୍ମ ନାମକ କୀଟର ପରିଚାଳନା ପାଇଁ ବିହନ କୁ ବୁଣିବା ଆଗରୁ ଏକ କେଜି ବିହନ ରେ ୪-ମିଲି Cyantraniliprole ୧୯.୮ %+ Thiamethoxam ୧୯.୮ % FS କୀଟନାଶକରେ ମିଶାଇ ବିହନ ବିଶୋଧନ କରନ୍ତୁ । ମୂଳ ସାର ହିସାବ ରେ ଏକର ପ୍ରତି ୫୫- କିଲୋଗ୍ରାମ ଡ଼ିଏପି , ୨୫- କିଲୋଗ୍ରାମ ପଟାସ ସାର ପ୍ରୟୋଗ କରନ୍ତୁ । ଉପଯୁକ୍ତ ଗଛ ସଂଖ୍ୟା ରଖିବା ପାଇଁ ମକା ମଞ୍ଜି କୁ ସିଡଡ୍ରିଲ ବ୍ୟବହାର କରି କିମ୍ବା ଲଙ୍ଗଳ ସିଆର ପଛରେ ଧାଡିରେ ୪ ରୁ ୫ ସେ.ମି ଗଭୀରରେ ବୁଣନ୍ତୁ। ମକା ଫସଲରେ ଘାସ ନିୟନ୍ତ୍ରଣ ପାଇଁ, ବୁଣିବାର ୧ ରୁ୨ ଦିନ ଭିତରେ ଜମି ବତର ଥିବା ଅବସ୍ଥାରେ Atrazine ଘାସମରା ଔଷଧ ଏକର ପ୍ରତି ୮୦୦-ଗ୍ରାମ ଔଷଧକୁ ୨୦୦ ଲିଟର ପାଣି ରେ ମିଶାଇ ସିଂଚନ କରନ୍ତୁ । |
| କଖାରୁ ଜାତୀୟ ପନିପରିବା | ଫୁଲ ଓ ଫଳ ଧରିବା ଅବସ୍ଥା | ❖ ବର୍ତମାନ ସମୟରେ ଦିନ ତାପମାତ୍ରା ବୃଦ୍ଧି ପାଉଥିବା ରୁ କଖାରୁ ଜାତୀୟ ପନିପରିବା ରେ ଉଛୁର ପତ୍ରପୋଡା ରୋଗ ଦେଖାଦେବାର ସମ୍ଭାବନା ଅଛି । ଏହାର ନିରାକରଣ ପାଇଁ ଶୃଙ୍ଖଳା ପାଗ ଦେଖି **Carbendazim ୧୨ % + Mancozeb ୬୩ % WP** ର ମିଳିତ ଫିମ୍ପିନାଶକ @ ୨ ଗ୍ରାମ ପ୍ରତି ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । |

| | | |
|---|---|---|
| ଭେଣ୍ଡି | ଫଳ ଧରିବା  ଅବସ୍ଥା | ❖ ଗଣ୍ଡି ଓ ଫଳ ବିନ୍ଧା ପୋକ-<br>ପ୍ରାଥମିକ ଅବସ୍ଥାରେ ଏହି ପୋକର ପରିଚାଳନା ପାଇଁ ଏକର ପ୍ରତି ୬୦୦-ମିଲି ନିମ୍ବ ଆଧାରିତ କୀଟନାଶକ ୧୫୦୦ PPM Azadirachtin କୁ ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । ଜୈବିକ ଉପାୟରେ ଏହି କୀଟର ପରିଚାଳନା ପାଇଁ ଏକର ପ୍ରତି ୪୦୦ଗ୍ରାମ Bacillus thuringiensis ଜୈବ କୀଟନାଶକ, ୨୦୦ଲିଟର ପାଣି ରେ ମିଶାଇ ସିଂଚନ କରନ୍ତୁ । ଏକର ପ୍ରତି ୮୦ ଗ୍ରାମ Emamectin Benzoate ନାମକ କୀଟନାଶକ କିମ୍ବା ୮୦ ମି.ଲି Chlorantraniliprole ନାମକ କୀଟନାଶକ କିମ୍ବା ୩୦୦ ମି.ଲି Pyridalyl ନାମକ କୀଟନାଶକ ୨୦୦ ଲିଟର ପାଣିରେ ମିଶାଇ ଶୁଖିଲା ପାଗ ଦେଖି ସିଞ୍ଚନ କରନ୍ତୁ । |
| ଖମ୍ବଆଳୁ | ଲଗାଇବା ଅବସ୍ଥା | ❖ ଉଭୟ ମେ ଓ ଜୁନ୍ ମାସରେ ଖମ୍ବଆଳୁ ଲଗାଯାଏ । ଦେଶୀ ଆଳୁ - ଶ୍ରୀକୀର୍ତ୍ତି, ଶ୍ରୀରୁପା, ହାତୀଖୋଜ, ଛୋଟ ଖମ୍ବଆଳୁ - ଶ୍ରୀକଳା, ଧଳା ଖମ୍ବଆଳୁ-ଶ୍ରୀଶୁଭ୍ରା, ଶ୍ରୀପ୍ରିୟା, ଶ୍ରୀଧନ୍ୟା ଆଦି କିସମ ଆମ ରାଜ୍ୟପାଇଁ ଉପଯୁକ୍ତ । ଏକ ଏକର ଜମିପାଇଁ ୮-୧୦ କୁଇଣ୍ଟାଲ ଖମ୍ବଆଳୁ ଦରକାର ହୁଏ । ଏହି ଖଣ୍ଡ ଗୁଡିକ ୧୫୦ରୁ ୨୦୦ ଗ୍ରାମ୍ ଓଜନର ମୁଣ୍ଡା ବିହନ ଆକାରରେ ଲଗାନ୍ତୁ । ଜମିକୁ ଗୁଣ୍ଡ ଚାଷ କରି ଧାଡିକୁ ଧାଡି ତିନି ଫୁଟ, ଗଛକୁ ଗଛ ତିନି ଫୁଟ ବ୍ୟବଧାନରେ ଗାତ ଖୋଳନ୍ତୁ । ଗୋବର ଖତ ଏବଂ ଜମି ଉପରର ଉର୍ବର ମାଟି ସମ ପରିମାଣରେ ମିଶାଇ ଗାତ ଗୁଡ଼ିକୁ ପୁରଣ କରନ୍ତୁ । ଏକ ଏକର ପ୍ରତି ୩୨ କିଗ୍ରା ଯବକ୍ଷାରଜାନ, ୨୪ କିଗ୍ରା ଫସଫରସ ଓ ୩୨ କିଗ୍ରା ପଟାସ ସାର ପ୍ରୟୋଗ କରନ୍ତୁ । ଲଗାଇବାବେଳେ ସମୁଦାୟ ସୁପର ଫସଫେଟ ପ୍ରତି ମନ୍ଦାରେ ମାଟିତଳେ ପ୍ରୟୋଗ କରନ୍ତୁ । ମନ୍ଦାରେ ଖମ୍ବଆଳୁ ବିହନକୁ ୫-୧୦ ସେମି ଗଭୀରରେ ପୋତନ୍ତୁ । ମୌସୁମୀ ବର୍ଷା ଆରମ୍ଭ ପୂର୍ବରୁ ଖମ୍ବଆଳୁ ଲଗାହୋଇଥିଲେ ବିହନ ଲଗା ହେବାପରେ ମନ୍ଦାକୁ ଶୁଖିଲା ନଡା, ତାଳପତ୍ର ବା ଘାସ ଦେଇ ଘୋଡାଇ ଦିଅନ୍ତୁ । |
| ଲଙ୍କା | ଅଙ୍ଗୀୟ ବୃଦ୍ଧି ଠାରୁ ଫଳ ଧରିବା ଅବସ୍ଥା | ❖ ଝାଉଁଳା ରୋଗର  ପରିଚାଳନା<br>ଯଦି ଲଙ୍କା ଗଛ ଝାଉଁଳି ଯାଇ ପତ୍ର ଗୁଡିକ ଭିତର ଓ ବାହାର ପଟକୁ ମୋଡ଼ିହୋଇ ଯାଉଛି ଏବଂ ପତ୍ର ଗୁଡିକ ହଳଦିଆ ହୋଇ ସମ୍ପୂର୍ଣ ଗଛ ଝାଉଁଳି ଯାଉଛି । ତେବେ, ବର୍ଷା ଛାଡ଼ିଗଲା ପରେ ଶୁଖିଲା ପାଗରେ ଏହାର ପରିଚାଳନା କରିବା ପାଇଁ ଏକର ପ୍ରତି 400 gm Carbendazim ଓ Mancozeb ର ମିଳିତ ଔଷଧ କୁ 200 ଲିଟର ପାଣିରେ ମିଶାଇ ଗଛର ମୂଳକୁ ଭଲ ଭାବରେ  ଭିଜାନ୍ତୁ । |
| ସଜନା | ଛୁଇଁ ଧରିବା ଅବସ୍ଥା | ❖ ଶୁଖିଲା ପାଗ ଦେଖି ସଜନା ଗଛରେ ଛୁଇଁବିନ୍ଧା ପୋକର ଦମନ ପାଇଁ Cypermethrine @ ୮୦ ଗ୍ରାମ ଏକର ପ୍ରତି ୧୫ ଦିନ ଅନ୍ତରରେ ୨ ଥର ପ୍ରୟୋଗ କରନ୍ତୁ । |
| ମାଛ ଚାଷ | ❖ ଶୀଘ୍ର ବଢୁଥିବା କାର୍ପ ଜାତୀୟ ମାଛ ଯଥା ରୋହୁ, ଭାକୁର ଓ ମିରିକାଳୀ ଏକ ନିର୍ଦ୍ଦିଷ୍ଟ  ଅନୁପାତ ୪:୩:୩ ଭାଗ ରେ ଚାଷ କରିବା ଦ୍ଵାରା ଅଧିକ ଲାଭ ମିଳିଥାଏ । ସାଧାରଣତଃ ପୋଖରୀରେ ହେକ୍ଟର ପିଛା ୫୦୦୦ ଅଙ୍ଗୁଳିଆ ଯାଆଁଳ ଛଡ଼ାଯାଏ । ମାଛ ମାନଙ୍କୁ ବାଦାମ ପିଡିଆ ଓ କୁଣ୍ଡିଆ କୁଣ୍ଡା ସମାନ ଅନୁପାତ ରେ ମିଶାଇ, ଛାଡିବା ଯାଆଁଳ ଓଜନର ଶତକଡା ୫ ଭାଗ ଖାଇବାକୁ ଦିଆଯାଏ । ଗୋବର, ୟୁରିଆ ଓ ସୁପର ଫୋସଫେଟ ପୋଖରୀର ଉର୍ବରତା ପାଇଁ ପକାଯାଏ, ଯାହା ଦ୍ବାରା ମାଛ ଗୁଡିକ ୮ ରୁ ୧୦ ମାସ ଭିତରେ ବିକ୍ରି ଯୋଗ୍ୟ ହୋଇଯାନ୍ତି । | |
| ଛେଳି ଓ ମେଣ୍ଢା | ❖ ଛେଳି ଓ ମେଣ୍ଢା ଙ୍କ ପାଇଁ ବାଲିଚଟାଣ ଗୁହାଳ - ଗୁହାଳରେ  ବାଲି ବ୍ୟବହାର କରିବା ଦ୍ଵାରା ଗୁହାଳ ଚଟାଣ ଶୁଖିଲା ରୁହେ ଯାହା ଦ୍ଵାରା ପଶୁମାନେ ବିଭିନ୍ନ ରୋଗ ଦାଉରୁ ରକ୍ଷା ପାଇଥାନ୍ତି । ଏହି ପ୍ରକାର ଗୁହାଳ ର ବିଶେଷତ୍ୱ ଯେ ଚଟାଣ ଟି ଇଟା, ସିମେଣ୍ଟ ଦ୍ଵାରା ତିଆରି ହୋଇଥାଏ ଏବଂ ତା'ଉପରେ ନଈବାଲି ୪୬- ଇଞ୍ଚ ପକାଯାଏ । ଏହା ଦ୍ଵାରା ମୂତ୍ର କୁ ବାଲି ଶୋଷିନେଇଥାଏ ଫଳରେ ପଶୁ ସହଜରେ ତା'ଉପରେ ଶୋଇପାରେ । ଛେଳି ମୁଖ୍ୟତଃ ନେଣ୍ଡିମଳ ପରିତ୍ୟାଗ କରିଥାଏ ତେଣୁ ଉପରେ ଉପରେ କେବଳ ନେଣ୍ଡି କୁ ସଫା କରିବା ସହଜ ହୋଇଥାଏ । ୧୫ – ୨୦ ଦିନ ବ୍ୟବଧାନ ରେ ଚଟାଣ ର ବାଲି ଶୁଖିବା ପାଇଁ ବାଲି କୁ ଓଲ୍ଟ ପାଲ୍ଟ କରିଦେଲେ ବାଲି ଦେହରେ ଜମା ହୋଇଥିବା ମୂତ୍ର ଶୁଖି ଯାଇଥାଏ । ଛେଳି ଛୁଆ ପାଇଁ ୦.୫ , ବଡ ଛେଳି ପାଇଁ ୧.୨ ଓ ବୋଦା ଏବଂ ଗର୍ଭବତୀ ଛେଳି ପାଇଁ ୨ ବର୍ଗ ମିଟର ଚଟାଣ ଆବଶ୍ୟକ ଯାହାକି ସବୁ ପ୍ରକାର ଗୁହାଳ ପାଇଁ ପ୍ରଯୁଜ୍ୟ ହୋଇଥାଏ । | |
| ପଶୁ ସମ୍ପଦ | ❖ ତୁଣ୍ଡ ବା ପାଟି ଘା (Stomatitis):<br>❖ ଗାଈଗୋରୁଙ୍କ ଠାରେ ତୁଣ୍ଡ ବା ପାଟି ଘା ସାଧାରଣତଃ ବ୍ୟାକ୍ଟେରିଆ, ଭାଇରସ ଜନିତ ସଂକ୍ରମଣ ଓ ଭିଟାମିନ ଅଭାବରୁ ହୋଇଥାଏ । ଏହା ବ୍ୟତୀତ ଅଧିକ ଟାଆଁସା ଘାସ ବା ନଡା ଚୋବାଇବାରୁ କିମ୍ବା କିଛି  ଅସ୍ୱାଭାବିକ ବସ୍ତୁ ଖାଇବା ଦ୍ବାରା ଏହି ରୋଗ ହୋଇଥାଏ ।<br>❖ ପ୍ରାଥମିକ ଚିକିତ୍ସା ଭାବରେ ଗାଈଗାରୁଙ୍କ ପାଟି ଭିତର ପରୀକ୍ଷା କରନ୍ତୁ । ପାଟିରେ କିଛି ଅସ୍ୱାଭାବିକ ବସ୍ତୁ ଲାଗିଥିଲେ  ବାହାର କରି ଦିଅନ୍ତୁ । ପାଟିକୁ ଖାଇବା ସୋଡା  କିମ୍ବା ପଟାସ ପରମାଙ୍ଗାନେଟ ଜଳରେ ଧୋଇ ଦିଅନ୍ତୁ। ଏହାପରେ ଘା ଜାଗାରେ  ବୋରୋ ଗ୍ଲିସେରିନ  ଲଗାଇ ଦିଅନ୍ତୁ । ସୁଷମ ଖାଦ୍ୟ ଓ ଭଲ ପାନୀୟଜଳ ଯୋଗାଇ ଦିଅନ୍ତୁ । | |

ତୁଷାର ରଞ୍ଜନ ମହାନ୍ତି
ନୋଡାଲ୍ ଅଫିସର,
ଗ୍ରାମୀଣ କୃଷି ମୌସମ ସେବା,ଓ.ୟୁ.ଏ.ଟି

ଅଧ୍ୟକ୍ଷ, ଗବେଷଣା ନିର୍ଦ୍ଦେଶାଳୟ,
ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ

ଚାଷରେ ଅଧିକ ଲାଭବାନ ହେବା ପାଇଁ ଓୟୁଏଟି କଳିଙ୍ଗ ଉତ୍ପାଦ (ତାରା,QPM, ଟିସୁ କଲଚର ଗଛ, ଫଳ ଓ ପନିପରିବା, ଯାଆଁଳ, କୁକୁଡା ଚିଆଁ, ଛତୁ, ଛତୁ ମଞ୍ଜି, ଜୈବିକ ସାର, ଜୈବିକ କୀଟନାଶକ, ଜିଆ ଖତ, କୃଷି ଯନ୍ତ୍ରପାତି ଇତ୍ୟାଦି ) ବ୍ୟବହାର କରନ୍ତୁ ।

କୃଷକମାନଙ୍କୁ ପରାମର୍ଶ ଦିଆଯାଉଛି ଯେ, ଭାରତୀୟ ପାଣିପାଗ ବିଭାଗର ପୂର୍ବନୁମାନ ଓ ପାଣିପାଗ ଭିତିକ କୃଷି ସୂଚନା ନିମନ୍ତେ ଅଧିକ ବିବରଣୀ ପାଇଁ "MAUSAM" ଏବଂ "MEGHDOOT" ଆଣ୍ଡ୍ରଏଡ୍ ମୋବାଇଲ ଆପ ବ୍ୟବହାର କରନ୍ତୁ ଏବଂ ବିଜୁଳି ଓ ଘଡଘଡିର ପୂର୍ବାନୁମାନ ପାଇଁ "DAMINI" ଆଣ୍ଡ୍ରଏଡ୍ ଆପ୍ ଡାଉନଲୋଡ୍ କରନ୍ତୁ ।

**Mausam MobileApp link: https://play.google.com/store/apps/details?id=com.imd.masuam&hl=hi**
**Meghdoot MobileApp link: https://play.google.com/store/apps/details?id=com.aas.meghdoot**
**Damini MobileApp link : https://play.google.com/store/apps/details?id=com.lightening.app.damini&hl=en_IN**

---

**E-mail: aas_ouat@yahoo.com, WhatsApp: +91 76569 09765, Web Portal:https://ouat.nic.in/agro-advisory-service**